ଦ୍ରୋଣଙ୍କର ପର୍ଶୁରାମଙ୍କଠାରୁ ଅସ୍ତ୍ର ପ୍ରାପ୍ତି
ଦ୍ରୋଣେ ଯାଉଛନ୍ତି ସନ୍ତାପିଣ କର୍ମକୁ
ମଣିକର୍ଣ୍ଣିକା ତୀର୍ଥେ ମୁଣ୍ଡାଇବୁଂ କେଶକୁ । ୧ ।
କୋଟିୟେ ତୀର୍ଥରେ ବୁଡିଲା ଅଛି ଯେବଣ ବାଳ
ୟେ କେଶ ବିକୋଟି ଧଇଲେ ପାପିଷ୍ଠ ଚାଣ୍ଡାଳ । ୨ ।
ପ୍ରୟାଗ ତ୍ରିବେଣୀରେ ଯାଇ କରିବା ସ୍ରାହାନ
ତହିଂ ସେ ହରିବି ନା ଦୁସହ ପାପମାନ । ୩ ।
ୟେତେ ବିଚାରିଣ ସେ ଭାରଦ୍ୱାଦଶଙ୍କ ସୁତ
ଅଶତ୍ଥମାକଇ ଘେନି ଚଳିଲେ ପ୍ରାଗବଟ ତୀର୍ଥ । ୪ ।
ସେ ମହାତୀର୍ଥେ ପ୍ରଶୁରାମ ଛନ୍ତି ରହି
ଦ୍ରୋଣେ ବିକଳେ ବେଦ ଆଧ୍ୟାନ କଲେ ପ୍ରଶୁରାମଙ୍କ ମୁଖ ଚାହିଂ । ୫ ।
ଯଦୁର୍ବେଦ ଆଧ୍ୟାନ କଲେ ପଞ୍ଚତିରିଶ ଶ୍ଳୋକ ବାଛି
ଶୁଣି ପ୍ରଶୁରାମ ଥମ୍ଭିଭୂତ ହୋଇ ନ ଫୁରଇ କିଛି । ୬ । ସଂଖ୍ୟା
ରହ ରହ ବ୍ରାହ୍ମଣ ତୁ ଅଟୁ ମହାବ୍ରହ୍ମ ବେଦୀ
ୟେତେ ବଡ ବ୍ରାହ୍ମଣ ହୋଇ ତୁ କେବଣ ଅର୍ଥେ ୟେତେ କ୍ରୋଧୀ । ୭ ।
ଦ୍ରୋଣେ ବୋଇଲେ ଶୁଣ ଜମଦଗ୍ନିଙ୍କର ଶିଷି
ମୁହିଂ ଭାରଦ୍ୱାଦଶଙ୍କ ନନ୍ଦନ ଦୁଜେ ଗୋତ୍ର ପାଠରଷି । ୮ ।
ମୁହିଂ ଅନେକ ଗଞ୍ଜି ହୋଇଲି ଭୋ ପ୍ରଶୁରାମ
ମୋହୋର ନାମ ସାରି ଉଦ୍ଧରି ଧର ଧର୍ମ । ୯ ।
ଶୁଣିଣ ପ୍ରଶୁରାମ ଅନେକ ସାନନ୍ଦ ମନ
ସତ୍ୟ କଲୁ ମାଗ ଦ୍ୱିଜ ଯେଣେ କଲୁ ଧ୍ୟାନ । ୧୦ ।
ଡାହାଣାବ୍ରତେକ ଶଙ୍ଖ ଜଳ ତିଳ ଲାଇ
ପ୍ରଶୁରାମ ଦ୍ରୋଣଙ୍କର ହସ୍ତେ ଦିଲେ ନେଇ । ୧୧ ।
ପ୍ରଶୁରାମେ ଦେଉଛନ୍ତି ଉପର ହସ୍ତ କରି
ସଂକଳ୍ପ ବାକ୍ୟେଣ ସତ୍ୟ ସତ୍ୟ ଯେ ଉଚ୍ଚାରି । ୧୨ ।

------

୯ ।୨ ମୋହୋର ମାନ ଉଦ୍ଧାର କରି ରଖିବ ସେ ଧର୍ମ ।
୧୧ ।୧ ଡାହାଣାବ୍ରତେକ ଶଙ୍ଖ-ଦକ୍ଷିଣାବର୍ତ୍ତ ଶଙ୍ଖ ।

ତଳହସ୍ତ କରିଣ ଯେ ଘେନୁଛନ୍ତି ଦ୍ରୋଣେ
ମାଗ ହୋ ଦ୍ୱିଜବର ତୋତେ କାରଣ ହୋଅଇ ଯେଣେ । ୧୩ ।
ତୁ ଯେ ଅନଳ ନାରାୟଣ ମୋତେ ପ୍ରସନ୍ନ ହୋଇବୁ
ତୋହୋର ଶସ୍ର ଶାସ୍ରମାନ ସବୁ ମୋତେ ଦେବୁ । ୧୪ ।
ପ୍ରଶୁରାମେ ବୋଇଲେ ଯାହା ମାଗିଲୁ ଦ୍ୱିଜବର
ତୋତେ ପ୍ରାପତ ହୋଉ ମୋହୋର ସମସ୍ତ ଶସ୍ର ମନ୍ତ୍ର ସାର । ୧୫ ।
ତଳହସ୍ତ କରିଣ ପାତି ଅଛନ୍ତି ଦ୍ରୋଣେ
ଉପର ହସ୍ତ କରିଣ ପ୍ରଶୁରାମେ ତୋଳି ଦିଲେ ଧନୁଦ୍ରୋଣେ । ୧୬ ।
ପ୍ରଶୁ ମୁଦ୍ଗର କୋଠାର ଶକତି
କୋନ୍ତ ଅସିବର ବିଜେ କର୍ଣ୍ଣକଟାରି ଯେ କାତି । ୧୭ ।
ବଜ୍ର ଶର ଅନଳ ଶର ଅମୋହ ଶକତି
କାଳ ଫାଶ ନାଗ ଫାଶ ବ୍ରହ୍ମ ଶର ଦିଅନ୍ତି । ୧୮ ।
ଅଗ୍ନି ଗଦା ହେମ ଗଦା ଗରୁଡ ପନ୍ନଗା ଶର
ସୂର୍ଯ୍ୟାବ୍ରତେକ ଗଦା ବ୍ରହ୍ମ ଗଦା ଅଗ୍ନିଶର । ୧୯ ।
ବ୍ରହ୍ମ ଶକତି ରୁଦ୍ର ଶକତି ମହାକାଳ ଶକତି
ମୂଷଳ କାଇଂସିକା ସୂର୍ଯ୍ୟାବ୍ରତେକ ଶକତି ଅନଳ ଶକତି । ୨୦ ।

ଜମଦଗ୍ନିଙ୍କର ପୁତ୍ର ପ୍ରସନ୍ନ ହୋଇଲେ
ସମସ୍ତ ଶହସ୍ର ଶାହାସ୍ର ତ୍ରୋଣମାନ ଯେ ଦ୍ରୋଣଙ୍କ ହସ୍ତେ ଦିଲେ । ୨୧ । ସଂଖ୍ୟା
ପ୍ରଶୁରାମ ବୋଇଲେ ମୋର ସତ୍ୟ ସତ୍ୟ
ନ ସାଧି ସମସ୍ତ ବିଦ୍ୟା ଦାନ ତୋତେ ହୋଉ ପରାପତ ।୨୨ ।
ସମସ୍ତ ବିଦ୍ୟା ଦାନ ଦିଲେ ପ୍ରଶୁରାମ ଧର୍ମ ଅର୍ଥେ
ଦ୍ରୋଣେ ଘେନିଲେ ଦ୍ରୋପଦକୁ ସାଧିବା ନିମନ୍ତେ । ୨୩ ।
ଯେହ୍ନେ ଆଗ୍ୟାଂ ଦିଲେ ଜମଦଗ୍ନିଙ୍କର ଶିଷି
ନ ସାଧି ଛତ୍ରୀ ହୋଇଲେ ଦ୍ରୋଣ ମହରଷି । ୨୪ ।
ଆକ୍ରୁଷଣ ଗଣ୍ଠି ମୁଠି ପ୍ରତଗ୍ୟାଂ ଗୁଣ ମାନ
ସମସ୍ତ ତୋଷେ ଦିଲେ ରେଣୁକା ନନ୍ଦନ । ୨୫ ।
---------
୧୩ ।୨  ତୋଷେ ବୋଇଲେ ଯେ ଇଛା ମାଗ ହୋଇଲି ପ୍ରସନ୍ନ ।
୧୪ ।୧  ତୁ ଯେବେ ଦ୍ୱିଜବର ମୋତେ ପ୍ରସନ୍ନ ହୋଇବୁ ।

ଅନେକ ଶସ୍ତ୍ରମାନ ଯେତେକ ସାଧିଥିଲେ
ତୋଷେଣ ଦ୍ରୋଣଙ୍କୁ ପ୍ରଶୁରାମ ଦିଲେ । ୨୬ ।
ଆମ୍ଭେ ସମୟେ ଯେ ସାଧିଲୁ ସମସ୍ତ ବିଦ୍ୟା
ୟେବେ ନ ସାଧି ବ୍ରାହ୍ମଣ ତୁ ହୋଇବୁ ତପସିଦ୍ଧା । ୨୭ ।
ୟେତ ପାଟବଂଶୀ ବିଦ୍ୟାଶୀ ବ୍ରାହ୍ମଣ
ସମସ୍ତ ବିଦ୍ୟା ତୋତେ ପ୍ରାପତ ହୋଉ ଦ୍ରୋଣ । ୨୮ ।
ପ୍ରଶୁରାମ ବୋଇଲେ ହେ ସମସ୍ତ ଶସ୍ତ୍ରମାନେ
ତ୍ରୟଲୋକ୍ୟ ଖେଦୁଥିଲେ ଆମ୍ଭର ଯେହ୍ନେ ବଚନେ । ୨୯ ।
ଦ୍ରୋଣକୁ ସେହିମତ ହୁଅ ହେ ପରାପତ
ଶହସ୍ର ଗୁରୁ ହୋଉ ଦ୍ରୋଣ ଜଗତେ ବିଖ୍ୟାତ । ୩୦ । ସଂଖ୍ୟା
ଶହସ୍ର ମାନ ଚଳିବାକୁ ମନ୍ତ୍ରମାନ ସହିତେ
ୟେମାନ ହିଂ ପ୍ରାପତ ହୋଉ ହେ ଦ୍ରୋଣ ତୋତେ । ୩୧ । ସଂଖ୍ୟା
ପ୍ରଶୁରାମଙ୍କ ବିଦ୍ୟା ବୋଲି ବୋଲନ୍ତୁ ଜଗତେ
ଗୁରୁପଣକୁ ସମସ୍ତେ ହୋଅନ୍ତୁ ଭଗତେ । ୩୨ ।
ବିଦ୍ୟାମାନ ମୋର ତହୁଂ ଘେନି ହୋଅ ଦ୍ରୋଣ ଗୁରୁ
ଯୋଦ୍ଧା କୁଳେ ତୋତେ ସମସ୍ତେ ବନ୍ଦନା ଯେ କରୁ । ୩୩ ।
ଦ୍ରୋଣ ବୋଇଲେ ହୋ ପ୍ରଶୁରାମ ତୁମ୍ଭେ ଯେ ପ୍ରସନ୍ନ ହୋଇଲ ମୁକୁ
ବିନୟ ଭାବ ହୋଇ ବନ୍ଦନା କରନ୍ତି ତାହାଙ୍କୁ । ୩୪-୩୫୫୧ ।
---------
୨୮ ।୧  ୟେତେ ପାଠବଂଶୀ ସୁବିଦ୍ୟା ବ୍ରାହ୍ମଣ । (ପା)
********